ମହମ୍ମଦ ମହିବୁଲ୍ଲା ଏବଂ ଅନ୍ୟଜଣେ

ବନାମ

ସେଠ୍ ଚମନ ଲାଲ୍ (ମୃତ) ଆଇନଗତ ପ୍ରତିନିଧିଙ୍କ ଦ୍ୱାରା ଏବଂ ଅନ୍ୟମାନେ

ସେପ୍ଟେମ୍ବର 18, 1991

[ପ୍ରଧାନ ବିଚାରପତି ରଙ୍ଗନାଥ ମିଶ୍ର, ଏ. ଏମ୍. ଅହମ୍ମଦି ଏବଂ ପି. ବି. ସାୱନ୍ତ, ନ୍ୟାୟମୂର୍ତ୍ତିମାନେ]

*ଦେୱାନୀ କାର୍ଯ୍ୟବିଧି ସଂହିତା, 1908— ଧାରା 107 (2), 149, ଆଦେଶ 7— ଆବେଦନ ସ୍ମାରକପତ୍ରରେ ଉପଯୁକ୍ତ ଅଦାଲତି-ଦେୟ ପୈଠ କରାଯାଇ ନାହିଁ— ଅପିଲିୟ ଅଦାଲତଙ୍କ କର୍ତ୍ତବ୍ୟ ସୂଚିତ କରାଗଲା —ଆବେଦନକାରୀଙ୍କ ଅବହେଳା ପାଇଁ ଉତ୍ତରଦାତାମାନଙ୍କୁ ମୂଲ୍ୟ ଦେବାକୁ ପଡିଛି ।*

**ଚଳପ୍ରଚଳ ପାଇଁ ରାସ୍ତାର ଅଧିକାର ଏବଂ ସେହି ଜମିର ଦଖଲ ପାଇଁ ବାଦୀ-ୱାକଫ ବୋର୍ଡ ଦ୍ୱାରା ଦାୟର ଘୋଷଣା ମକଦ୍ଦମା, ବିଚାର କରୁଥିବା ଅଦାଲତରେ ଖାରଜ ହେବା ପରେ, ଜିଲ୍ଲା ବିଚାରପତିଙ୍କ ପାଖରେ ଏକ ସ୍ୱତ୍ୱ ଆବେଦନ ଦାୟର କରାଯାଇଥିଲା ।**

**ଏକ ଛାଡ଼ ବିଜ୍ଞପ୍ତି ମାଧ୍ୟମରେ ୱାକଫ୍ ବୋର୍ଡ଼ ଦ୍ୱାରା ଅର୍ଜିରେ 15/- ଟଙ୍କାର ଅଦାଲତି ଦେୟ ପୈଠ କରାଯାଇଥିଲା । ଆବେଦନ ସ୍ମାରକପତ୍ରରେ, ବାଦୀ, ସେହି ସମାନ ପରିମାଣର ଅଦାଲତି ଦେୟ ପ୍ରଦାନ କରିଥିଲେ ।**

**ଯଥେଷ୍ଟ ଷ୍ଟାମ୍ପ୍ ଲଗାଯାଇ ନଥିବାରୁ, ଉତ୍ତରଦାତାମାନେ ଆବେଦନ ସ୍ମାରକପତ୍ରକୁ ଖାରଜ କରିବାକୁ ଅନୁରୋଧ କରିଥିଲେ ।**

**ଅତିରିକ୍ତ ଜିଲ୍ଲା ବିଚାରପତି ଆବେଦନ ସ୍ମାରକପତ୍ରକୁ ଖାରଜ କରିଦେଇଛନ୍ତି ।**

**ବାଦୀ ଯେତେବେଳେ ଏହି ମାମଲାକୁ ନେଲେ, ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କଲେ ନାହିଁ ।**

**ତେଣୁ, ବାଦୀଙ୍କ ଦ୍ୱାରା ଏହି ସ୍ୱତନ୍ତ୍ର ଅନୁମତି ଆବେଦନରେ ଯୁକ୍ତି କରାଯାଇଛି ଯେ, ବିଦ୍ୱାନ ଅତିରିକ୍ତ ଜିଲ୍ଲା ବିଚାରପତି ଆବେଦନ ସ୍ମାରକପତ୍ରକୁ ଖାରଜ କରିବା ପରିବର୍ତ୍ତେ, ଏକ ସୁଯୋଗ ଦିଆଯିବା ଉଚିତ ଥିଲା ଏବଂ ଆବେଦନକାରୀଙ୍କୁ ଅଭାବର ଭରଣା କରିବା ପାଇଁ ଡକାଯିବା ଉଚିତ ଥିଲା ।**

**ଆବେଦନକୁ ଅନୁମତି ଦେଇ, ଏହି ନ୍ୟାୟାଳୟ,**

**ନିର୍ଣ୍ଣୟ ନେଇଛନ୍ତି ଯେ: 1. ଯେତେବେଳେ ନିମ୍ନ ଅପିଲିୟ ଅଦାଲତ, ନିର୍ଣ୍ଣୟ ନେଇଥିଲେ ଯେ ଆବେଦନ ସ୍ମାରକପତ୍ରରେ ଯଥେଷ୍ଟ ଷ୍ଟାମ୍ପ ଲଗାଯାଇ ନାହିଁ, ସେତେବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ବକେୟା ଅଦାଲତି ଦେୟ ପଇଠ କରିବା ପାଇଁ ଅଦାଲତ ଦ୍ୱାରା ଆବେଦନକାରୀଙ୍କୁ ଏକ ସୁଯୋଗ ଦିଆଯିବା ଉଚିତ ଥିଲା ଏବଂ ଯଦି ନ୍ୟାୟାଳୟର ନିର୍ଦ୍ଦେଶ ପାଳନ କରିବାରେ ବିଫଳ ହୋଇଥାନ୍ତା, ତେବେ ଆବେଦନ ସ୍ମାରକପତ୍ରକୁ ଖାରଜ କରାଯାଇପାରିଥାନ୍ତା । ଏହି ସୁଯୋଗ ପ୍ରଦାନ କରାନଯାଇ, ଆବେଦନକୁ ଖାରଜ କରିବା ଉପଯୁକ୍ତ ହୋଇନଥିଲା ।**

**2. ଏହା ଆବେଦନକାରୀଙ୍କ ତରଫରୁ ଏକ ଅବହେଳା ଜନିତ ମାମଲା, ତେଣୁ, ପ୍ରାୟ 10 ବର୍ଷ ଧରି ଏହି ମାମଲାରେ ଟଣା ଯାଇଥିବା ଉତ୍ତରଦାତାମାନଙ୍କୁ 1,000/- ଟଙ୍କା କ୍ଷତିପୂରଣ ବାବଦରେ ଦିଆଯିବା ଉଚିତ୍ ।**

ଦେୱାନୀ ଆବେଦନ କ୍ଷେତ୍ରାଧିକାର: ଦେୱାନୀ ଆବେଦନ ସଂଖ୍ୟା 1290/1979

16.8.1977 ତାରିଖରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କ ନିୟମିତ ଦ୍ୱିତୀୟ ଆବେଦନ ସଂଖ୍ୟା 1001/1966 ରେ ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶରୁ ଏହି ଆବେଦନ ଆସିଛି l

ଧ୍ରୁବ ମେହେଟ୍ଟା ଏବଂ ଏସ୍. କେ. ମେହେଟ୍ଟା (ଏନପି) ଆବେଦନକାରୀଙ୍କ ପାଇଁ l

ଜେ. ଡି. ଜୈନ ଉତ୍ତରଦାତାଙ୍କ ପାଇଁ l

ଏହି ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଏହା ବାଦୀ-ୱାକଫ ବୋର୍ଡ ଦ୍ୱାରା ସ୍ୱତନ୍ତ୍ର ଅନୁମତି ମାଧ୍ୟମରେ ଏକ ଆବେଦନ ଅଟେ l ବିଚାର କରୁଥିବା ଅଦାଲତ ଦ୍ୱାରା ଚଳପ୍ରଚଳ ପାଇଁ ରାସ୍ତା ଅଧିକାର ଏବଂ ଏହାର ଦଖଲ ସମ୍ପର୍କିତ ଘୋଷଣା ମକଦ୍ଦମା ଖାରଜ ହେବା ପରେ, କର୍ଣ୍ଣାଲ୍‌ର ଜିଲ୍ଲା ବିଚାରପତିଙ୍କ ନିକଟରେ ଏକ ସ୍ୱତ୍ୱ ଆବେଦନ ଦାଏର କରାଯାଇଥିଲା l ୱାକଫ ବୋର୍ଡ ଦ୍ୱାରା ଦାଏର ହୋଇଥିବା ଏହି ପ୍ରକାରର ମକଦ୍ଦମାରେ ଅର୍ଜିରେ, ଏକ ଛାଡ଼ ଅଧିସୂଚନା ଦ୍ୱାରା, 15/-ଟଙ୍କାର ଅଦାଲତି-ଦେୟ ପଇଠ ଯୋଗ୍ୟ ଅଟେ l ଆବେଦନ ସ୍ମାରକପତ୍ରରେ, ବାଦୀ, ସେହି ସମାନ ପରିମାଣର ଅଦାଲତି ଦେୟ ପ୍ରଦାନ କରିଥିଲେ l ଯଥେଷ୍ଟ ଅଦାଲତି ଦେୟ ଉପରେ ଆପତ୍ତି ଉଠାଯାଇଥିଲା ଏବଂ ଯଥେଷ୍ଟ ଷ୍ଟାମ୍ପ୍ ଲଗାଯାଇ ନଥିବାରୁ, ଉତ୍ତରଦାତାମାନେ ଆବେଦନ ସ୍ମାରକପତ୍ରକୁ ଖାରଜ କରିବାକୁ ଅନୁରୋଧ କରିଥିଲେ l ବାସ୍ତବରେ, ଯେତେବେଳେ 638/- ଟଙ୍କାର ଅଦାଲତି ଦେୟ ପ୍ରଦାନ କରିବାକୁ ଥିଲା, ସେତେବେଳେ 15/- ଟଙ୍କାର ଅଦାଲତି ଦେୟ ପ୍ରଦାନ କରାଯାଇଥିଲା l ଏହି ମାମଲାକୁ ଅପିଲିୟ ଅଦାଲତଙ୍କ ଦ୍ୱାରା ପ୍ରାଥମିକ ଭାବେ ବିଚାର କରାଯାଇଥିଲା ଏବଂ ତା 5.5.1966 ରିଖର ଆଦେଶ ଅନୁସାରେ ଅତିରିକ୍ତ ଜିଲ୍ଲା ବିଚାରପତି ଆପତ୍ତିକୁ ଗ୍ରହଣ କରିଥିଲେ ଏବଂ ଆବେଦନ ସ୍ମାରକପତ୍ରକୁ ଖାରଜ କରିବାକୁ ନିର୍ଦ୍ଦେଶ ଦେଇଥିଲେ l ବାଦୀ ଯେତେବେଳେ ଏହି ମାମଲାକୁ ନେଲେ, ଉଚ୍ଚ ନ୍ୟାୟାଳୟ ଏଥିରେ ହସ୍ତକ୍ଷେପ କଲେ ନାହିଁ l ଶେଷରେ ଏହି ଅଦାଲତ ଦ୍ୱାରା ସ୍ୱତନ୍ତ୍ର ଅନୁମତି ମଞ୍ଜୁର କରାଯାଇଥିଲା ଏବଂ ଅନୁମତି ମଞ୍ଜୁର ସମୟରେ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

> "ଯେହେତୁ ଆବେଦନକାରୀ କୌଣସି ପୂର୍ବାଗ୍ରହ ବିନା ଜିଲ୍ଲା ବିଚାରପତିଙ୍କ ନିକଟରେ ଆବେଦନ ସ୍ମାରକପତ୍ରରେ ବାକି ଥିବା ଅଦାଲତି ଦେୟ ଦେବାକୁ ପ୍ରସ୍ତୁତ ଅଛନ୍ତି, ଆମେ ପ୍ରତିପକ୍ଷଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦେଉଛୁ l"

ଏହା ଦୁର୍ଭାଗ୍ୟଜନକ ଯେ ଯେତେବେଳେ ସେହି ଆଦେଶ 27.11.1978 ରେ ଦିଆଗଲା, ଏହି ମାମଲା ପ୍ରାୟ 13 ବର୍ଷ ପରେ ଚୂଡ଼ାନ୍ତ ଫଏସଲା ପାଇଁ ଆସିଛି l

ବିଦ୍ୱାନ ଅତିରିକ୍ତ ଜିଲ୍ଲା ବିଚାରପତିଙ୍କ ସମ୍ମୁଖରେ ଆବେଦନକାରୀଙ୍କ ଦ୍ୱାରା ଉଠାଯାଇଥିବା ଆବେଦନ ଯୁକ୍ତି ଏହା ଯେ ଏହି ଆବେଦନଟି ଏହି ମକଦ୍ଦମାର ଏକ ନିରନ୍ତର ପ୍ରକ୍ରିୟା ଏବଂ ଅର୍ଜିରେ ଯେତିକି ଅଦାଲତି-ଦେୟ ଦେବାର ଥିଲା, ଆବେଦନ ପାଇଁ ମଧ୍ୟ ସେତିକି ଅଦାଲତି-ଦେୟ ଉପଯୁକ୍ତ ବୋଲି ଯେଉଁ ଯୁକ୍ତି ଦିଆଯାଇଥିଲା, ତାହାକୁ ଯଥାର୍ଥ ଭାବେ ନାକଚ କରାଯାଇଛି l ବିଚାର ପର୍ଯ୍ୟାୟରେ, ଏକ ଛାଡ଼ ଥିଲା ଏବଂ ଯେହେତୁ ଏହା ନିର୍ଦ୍ଦିଷ୍ଟ ଭାବରେ ବିଚାର ପର୍ଯ୍ୟାୟରେ ସୀମିତ ଥିଲା, ଆବେଦନ ପର୍ଯ୍ୟାୟରେ ମଧ୍ୟ ସୁବିଧା ଦାବି କରିବାର କୌଣସି ଆଧାର ନଥିଲା l କିନ୍ତୁ ଯେତେବେଳେ ବିଦ୍ୱାନ ଅତିରିକ୍ତ ଜିଲ୍ଲା ବିଚାରପତି ନିର୍ଣ୍ଣୟ ନେଇଥିଲେ ଯେ ଆବେଦନ ସ୍ମାରକପତ୍ରରେ ଯଥେଷ୍ଟ ଷ୍ଟାମ୍ପ ଲଗାଯାଇ ନାହିଁ, ଆବେଦନ ସ୍ମାରକପତ୍ରକୁ ପ୍ରତ୍ୟକ୍ଷ ଭାବେ ଖାରଜ କରିବା ପରିବର୍ତ୍ତେ, ଏକ ସୁଯୋଗ ଦିଆଯିବା ଉଚିତ ଥିଲା ଏବଂ ଆବେଦନକାରୀଙ୍କୁ ବକେୟା ଭରଣା କରିବା ପାଇଁ ଡକାଯିବା ଉଚିତ ଥିଲା l ଯେତେବେଳେ ଅର୍ଜିରେ ଉପଯୁକ୍ତ ଅଦାଲତି ଦେୟ ନଥାଏ, ମକଦ୍ଦମାଗୁଡିକରେ,

ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ VII ର ବ୍ୟବସ୍ଥା ଅନୁଯାୟୀ ପ୍ରୟୋଗ କରାଯାଏ, ଏହା ଆଇନର ଆବଶ୍ୟକତା ଅଟେ । ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 107 (2) ଏହିପରି ବ୍ୟବସ୍ଥା ପ୍ରଦାନ କରିଥାଏ:

> "(2) ଉପରୋକ୍ତ ବିଷୟ ଅନୁସାରେ, ମୂଳ କ୍ଷେତ୍ରାଧିକାର ଥିବା ଅଦାଲତରେ ଦାୟର ହୋଇଥିବା ମକଦ୍ଦମାଗୁଡ଼ିକ କ୍ଷେତ୍ରରେ ଏହି ସଂହିତା ଦ୍ୱାରା ଯେଉଁ ସବୁ କ୍ଷମତା ଓ କର୍ତ୍ତବ୍ୟ ପ୍ରଦାନ କରାଯାଇଛି, ଅପିଲିୟ ଅଦାଲତଙ୍କ ପାଖରେ ମଧ୍ୟ ପ୍ରାୟ ସମାନ କ୍ଷମତା ରହିବ ଏବଂ ସେ ସମାନ କର୍ତ୍ତବ୍ୟ ସମ୍ପାଦନ କରିବେ ।"
>
> ଦେୱାନୀ କାର୍ଯ୍ୟବିଧି ସଂହିତାର ଧାରା 149 ଏହିପରି ବ୍ୟବସ୍ଥା ପ୍ରଦାନ କରିଥାଏ:
>
> ଯେଉଁ କ୍ଷେତ୍ରରେ ଆଇନ ଦ୍ୱାରା ବର୍ତ୍ତମାନ ବଳବତ୍ତର ଥିବା କୌଣସି ଦଲିଲ ପାଇଁ ଅଦାଲତି-ଦେୟ ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଦିଆଯାଇ ନଥାଏ, ତେବେ ନ୍ୟାୟାଳୟ ନିଜ ବିବେକ ଅନୁସାରେ ମାମଲାର ଯେକୌଣସି ପର୍ଯ୍ୟାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ, ବାକି ଥିବା ଦେୟକୁ ମାମଲା ଯାହା ହେଉନା କାହିଁକି, ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଦାଖଲ କରିବାକୁ ଅନୁମତି ଦେଇପାରିବେ; ଥରେ ସେହି ଦେୟ; ଏବଂ ଯେଉଁ ଦଲିଲରେ ସେହି ଦେୟ ଆବଶ୍ୟକ, ତାହା ସେଥିରେ ଦାଖଲ ହେଲେ, ଉକ୍ତ ଦଲିଲଟି ସେହିଦିନଠାରୁ ବୈଧ ବୋଲି ଧରାଯିବ ଯେଉଁଦିନ ତାହା ପ୍ରଥମେ ଦାଖଲ କରାଯାଇଥିଲା ।"

ଦୁଇଟି ଆଇନଗତ ବ୍ୟବସ୍ଥାକୁ ଏକାଠି ବିଚାର କରି ଏବଂ ନ୍ୟାୟିକ ପ୍ରକ୍ରିୟାର ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି, ଆମେ ଆବେଦନକାରୀଙ୍କ ଓକିଲଙ୍କ ଯୁକ୍ତି ସହ ଏକମତ ଯେ, ଯେତେବେଳେ ନିମ୍ନ ଅପିଲିୟ ଅଦାଲତ ନିର୍ଣ୍ଣୟ ନେଇଥିଲେ ଯେ ଆବେଦନ ସ୍ମାରକପତ୍ରରେ ଯଥେଷ୍ଟ ଅଦାଲତି-ଦେୟ ପ୍ରଦାନ କରାଯାଇ ନାହିଁ, ସେତେବେଳେ ଅଦାଲତ ଆବେଦନକାରୀଙ୍କୁ ଅବଶିଷ୍ଟ ଅଦାଲତଇ-ଦେୟ ଜମା କରିବା ପାଇଁ ସୁଯୋଗ ସହିତ ଏକ ନିର୍ଦ୍ଦିଷ୍ଟ ସମୟ ଦେବା ଉଚିତ ଥିଲା ଏବଂ ଯଦି ଅଦାଲତଙ୍କ ସେହି ନିର୍ଦ୍ଦେଶ ପାଳନ କରିବାରେ ଆବେଦନକାରୀ ବିଫଳ ହୋଇଥାନ୍ତେ, ତେବେ ଆବେଦନ ସ୍ମାରକପତ୍ରକୁ ଖାରଜ କରାଯାଇ ପାରିଥାଆନ୍ତା । ଆମର ମତ ହେଉଛି ଯେ, ଏହି ସୁଯୋଗ ପ୍ରଦାନ କରାନଯାଇ, ଆବେଦନକୁ ଖାରଜ କରିବା ଉପଯୁକ୍ତ ନଥିଲା ।

ଆବେଦନକାରୀଙ୍କ ଓକିଲ ଚାରି ସପ୍ତାହ ମଧ୍ୟରେ ଆବେଦନ ଦାଖଲ କରାଯିବା ସମୟରେ ଆବେଦନ ସ୍ମାରକପତ୍ରରେ ଅବଶିଷ୍ଟ ଅଦାଲତି-ଦେୟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଯଦି ଅଦାଲତି-ଦେୟ ପୈଠ କରାଯାଏ, ତେବେ ଖାରଜ ହୋଇଥିବା ସ୍ୱତ୍ୱ ଆବେଦନକୁ ପୁନରୁଦ୍ଧାର କରାଯିବ ଏବଂ ଆଇନ ଅନୁଯାୟୀ ତାହାର ଶୁଣାଣି କରାଯିବ । ଯଦି ଏପରି କରିବାରେ ବିଫଳ ହୁଅନ୍ତି, ତେବେ ଖାରଜ ଆଦେଶକୁ ବଳବତ୍ତର ରଖାଯିବ ।

ଆମେ ଉତ୍ତରଦାତାମାନଙ୍କ ଓକିଲଙ୍କ ସହ ସହମତ ହେବାକୁ ଆଗ୍ରହୀ ଯେ ଏହା ଆବେଦନକାରୀଙ୍କ ତରଫରୁ ଏକ ଅବହେଳା ଜନିତ ମାମଲା ଅଟେ, ତେଣୁ, ପ୍ରାୟ 10 ବର୍ଷ ଧରି ଏହି କାର୍ଯ୍ୟାନୁଷ୍ଠାନରେ ଟଣା ଯାଇଥିବା ଉତ୍ତରଦାତାମାନଙ୍କୁ କ୍ଷତିପୂରଣ ଦିଆଯିବା ଉଚିତ । ଆମେ ନିର୍ଦ୍ଦେଶ ଦେଉଛୁ ଯେ, ଅପିଲିୟ ଅଦାଲତରେ ଆବଶ୍ୟକୀୟ ଅଦାଲତି-ଦେୟ ଦାଖଲ କରି ଆବେଦନକୁ ପୁନଃରୁଦ୍ଧାର କରିବା ସହିତ, ଅତିରିକ୍ତ 1,000/- ଟଙ୍କାର ମକଦ୍ଦମା ଖର୍ଚ୍ଚ ଦେବାକୁ ପଡ଼ିବ ।

ସେହି ଅନୁଯାୟୀ ଆବେଦନର ଫଏସଲା କରାଗଲା ।

ଭି. ପି. ଆର୍. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଭାଷାନ୍ତର:**

***ଶ୍ରୀ ଜଟାଧାରୀ ସେଠୀ***

ଉପବିଭାଗ ଅଧିକାରୀ (ଅନୁବାଦ), ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।